# ଡିଡାୟୀ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨

## ଅଗ୍ରଲେଖ


ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ ଷଡ଼ଙ୍ଗୀ

**(ସନ୍ତୋଷ କୁମାର ଷଡ଼ଙ୍ଗୀ)**

କମିଶନର ତଥା ଶାସନ ସଚିବ

# ଡିଡାୟୀ




**ମୂଳ ଇଂରାଜୀ :**
ପ୍ରଫେସର (ଡଃ) କୃଷ୍ଣ କୁମାର ମହାନ୍ତି

**ଓଡ଼ିଆ ଅନୁସୃଜନ :**
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍



# ଉପକ୍ରମ



ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତିଙ୍କ ମଧ୍ୟରୁ ଡିଡ଼ାୟୀ ଅନ୍ୟତମ । ଡିଡ଼ାୟୀମାନଙ୍କ ଜୀବନ ଧାରଣର ଶୈଳୀ ଅତ୍ୟନ୍ତ ସରଳ ଏବଂ ଏମାନେ ସଂଖ୍ୟାନ୍ୟୁନ ଗୋଷ୍ଠୀ। ଭାରତ ସରକାରଙ୍କର ବ୍ୟବସ୍ଥାପନା ଅନୁସାରେ ଏମାନେ ଆଦିମ ଜନଜାତି ଶ୍ରେଣୀ ଅନ୍ତଭୁକ୍ତ । କେଉଁ ପ୍ରାଚୀନ କାଳରୁ ଏମାନେ ଦକ୍ଷିଣ ଓଡ଼ିଶାର ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ଦୁର୍ଗମ ଅଞ୍ଚଳରେ ବସବାସ କରି ଆସୁଛନ୍ତି । ବିଷମ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ଏମାନେ ବସବାସ କରୁଥିବାରୁ ଏମାନଙ୍କ ସଂସ୍କୃତି ଅନେକ ପ୍ରତିକୂଳ ବ୍ୟବସ୍ଥା ଦେଇ ଗତି କରିଆସିଛି।

ଡିଡ଼ାୟୀମାନେ ପ୍ରୋଟୋ - ଅଷ୍ଟ୍ରୋଲଏଡ୍ ଗୋଷ୍ଠୀଭୁକ୍ତ । ଏମାନଙ୍କର ଭାଷା ଅଷ୍ଟ୍ରୋ - ଏସିଆଟିକ୍ ଭାଷା ପରିବାର ଅନ୍ତର୍ଭୁକ୍ତ ଦକ୍ଷିଣ ମୁଣ୍ଡା ଶ୍ରେଣୀର୍ଭୁକ୍ତ । ଓଡ଼ିଶା ବ୍ୟତୀତ ଭାରତ ବର୍ଷର ଅନ୍ୟ କେଉଁ ରାଜ୍ୟରେ ଡିଡ଼ାୟୀମାନଙ୍କୁ ଦେଖିବାକୁ ମିଳେ ନାହିଁ ।



ସେମାନଙ୍କର ମୁଖ୍ୟ ବାସସ୍ଥଳୀ ଦକ୍ଷିଣ ଓଡ଼ିଶା । ପୂର୍ବଘାଟ ପର୍ବତମାଳା ସହ ଡିଡ଼ାୟୀର ଜୀବନ ଜଡ଼ିତ । ପାହାଡ଼, ପର୍ବତ ଓ ବଣ୍ୟ ଝରଣାର ସୁରମ୍ୟ ପ୍ରକୃତି ଭିତରେ ଡିଡାୟୀର ସଂଗ୍ରାମଶୀଳ ଜୀବନ ଯେତିକି ଶାନ୍ତ- ସରଳ ସେତିକି ଉଗ୍ର - ମଧୁର । ତା'ର ଅମାୟିକ - ନିଷ୍କପଟ - ନିରାଡମ୍ବର ଜୀବନ ଅନ୍ୟମାନଙ୍କ ଅନୁକରଣୀୟ । ଏମାନେ ନିଜକୁ "ଗ୍‌ତାରେ" ନାମରେ ପରିଚିତ ହୋଇଥାନ୍ତି ।






# ପରିଚିତି

ପ୍ରସିଦ୍ଧ ସମାଜ ବିଜ୍ଞାନୀ ଏଲଓ୍ୱିନ (Elwin - ୧୯୫୪) ଙ୍କ ମତରେ ଡିଡାୟୀମାନେ ବଣୁଆ ଜନଜାତି । ୧୯୬୧ ର ଜନଗଣନା ରିପୋର୍ଟରେ ଡିଡାୟୀମାନଙ୍କୁ ଏକ କ୍ଷୁଦ୍ର ଜନଜାତି ଗୋଷ୍ଠୀଭାବରେ ଗଣନା କରାଯାଇଛି । ହେମେନ୍‌ଡର୍ଫ Haimendorf (୧୯୪୫) ଙ୍କ ମତରେ ଡିଡାୟୀମାନେ ଆଦିମ, ଅର୍ଦ୍ଧସଭ୍ୟ ଓ ପୋଡୁ ଚାଷୀ । ଅନ୍ୟାନ୍ୟ ଜନଜାତି ମାନଙ୍କ ସଂଖ୍ୟା ତୁଳନାରେ ଓଡ଼ିଶାରେ ଡିଡ଼ାୟୀ ଗୋଷ୍ଠୀର ସଂଖ୍ୟା ବହୁତ କମ୍ । ଆର୍ଥିକ ଦୃଷ୍ଟିରୁ ଏମାନେ ଦୁର୍ବଳ । ଖୁବ୍ କମ୍ ପର୍ବ ପର୍ବାଣି ଭିତରେ ଡିଡ଼ାୟୀର ସାମଜିକ ଜୀବନ ସୀମିତ । ସଂରଚନା ଓ ସରଳ ସଂସ୍କୃତି ଦୃଷ୍ଟିରୁ ସ୍ୱଗୋଷ୍ଠୀ କେନ୍ଦ୍ରିକ ।

ଡିଡ଼ାୟୀ ମାନଙ୍କ ଚାଲି ଚଳଣୀ ଭାଷା ପୋଷାକ ଖାଦ୍ୟ ରୁଚି ସବୁଥିରେ ଏକ ନିଆରା ପଣ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୁଏ । ମୋଟ ଉପରେ କହିବାକୁ ଗଲେ ଡିଡ଼ାୟୀ ନିଜେହିଁ ନିଜର ପରିଚୟ । ଡିଡ଼ାୟୀ ଆଉ କାହା ପରି ନୁହେଁ । ଆଉ କେହି ଡିଡ଼ାୟୀ ପରି ନୁହଁନ୍ତି । ଡିଡ଼ାୟୀର ଧର୍ମ; ସଂସ୍କୃତି; ପରଂପରା ସବୁଥିରେ ବାରି ହୋଇପଡେ ଏକ ଅଲଗା ଛାପ ।









# ପରିପାର୍ଶ୍ୱ



ରମଣୀୟ ପ୍ରାକୃତିକ ପରିବେଶ ଭିତରେ ଡିଡ଼ାୟୀର ଜୀବନ ଗତିଶୀଳ । ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ସଂଖ୍ୟାଧିକ ଡିଡ଼ାୟୀ ଜନଜାତି ଦେଖାଯାଆନ୍ତି । ପୂର୍ବଘାଟ ପର୍ବତମାଳାର ପଶ୍ଚିମ ଅଂଶ କଣ୍ଡାକାମ୍ବେରୁ ଡିଡ଼ାୟୀ ମାନଙ୍କ ବାସସ୍ଥଳୀ । ମାଛକୁଣ୍ଡ ନଦୀବନ୍ଧ ଯୋଜନା ନିକଟବର୍ତ୍ତୀ ଶାଳ, ପିଆଶାଳ ଓ ଶାଗୁଆନ ଆଦି ଜଙ୍ଗଲ ବୃକ୍ଷ ସହିତ ବିଭିନ୍ନ ଜାତିର ବାଉଁଶ ଓ ବଣୁଆ ଘାସ ଏହି ପର୍ବତ ଉପତ୍ୟକାରେ ପରିପୂର୍ଣ୍ଣ । ବାୟୁମଣ୍ଡଳ ଉଷ୍ମ ଓ ଆର୍ଦ୍ର । ବାଘ, ଭାଲୁ, ଚିତା, ହରିଣ, ସମ୍ବର ଓ ବିଭିନ୍ନ ପ୍ରକାର ମାଙ୍କଡ ଏଠାରେ ଦେଖାଯାଆନ୍ତି । ବନ୍ଧୁର ଶିଳାଖଣ୍ଡ ପରିବ୍ୟାପ୍ତ ଉଚ୍ଚଗଡାଣି ସହିତ; ପାର୍ବତ୍ୟ ଝରଣା ଓ ନଦୀ ଉପତ୍ୟକା ଯୋଗୁ ଡିଡ଼ାୟୀମାନେ ବାସ କରୁଥିବା ଅଂଚଳକୁ ସହଜରେ ଯାଇହୁଏ ନାହିଁ । ସାଧାରଣ ଜନବସତି ଠାରୁ






ଡିଡ଼ାୟୀର ବସତି ଅଂଚଳ ଦୂର ଓ ଅଗମ୍ୟ । ସ୍ଥଳ ବିଶେଷରେ କେତେକ ଡିଡ଼ାୟୀ ଗ୍ରାମ ସମୁଦ୍ର ପତ୍ତନ ଠାରୁ ୨୦୦୦ - ୩୫୦୦ ଫୁଟ ଉଚ୍ଚରେ ଅବସ୍ଥିତ । ସମତଳ ଅଂଚଳ ତୁଳନାରେ ପର୍ବତ ଉପରେ କମ୍ ଡିଡ଼ାୟୀ ବାସ କରନ୍ତି ।

ମାଲକାଗିରିର ବାୟାପଡା ଏକ ଡିଡାୟୀ ଗାଁ । ଏହି ଗାଁ ଟି ୩୫୦୦ ଫୁଟ ପାହାଡ ଉପରେ ଅବସ୍ଥିତ । ପାହାଡ ପାଦଦେଶରେ ବସବାସ କରୁଥିବା ଡିଡାୟୀ ଜନଜାତିମାନେ ଏବେ ସାଧାରଣ କୃଷି କରୁଛନ୍ତି । ପାହାଡ, ସମତଳ ଓ ଜଳ ବିଭାଜିତ ଅଂଚଳରେ ଡିଡାୟୀ ଜନବସତି ଗଢି ଉଠିଛି । ଡିଡ଼ାୟୀର ବସତି ପରିବେଶ ଭୌଗୋଳିକ ଦୃଷ୍ଟି କୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଠି ମଣିଷର ଭୌତିକ ଜୀବନ ଓ ଭୌତିକ ସଂସ୍କୃତି ଭିତରେ ସମନ୍ୱୟ ଦେଖିବାକୁ ମିଳେ ।


ବଣ୍ଡା, ଗଦବା ଓ ପରଜା ପ୍ରଭୃତି ଜନଜାତି ମାନଙ୍କ ସହିତ ଡିଡାୟୀ ମିଳିମିଶି ଚଳେ । ଡିଡ଼ାୟୀ ମଧ୍ୟ ଅନୁସୂଚିତ ଜାତି ଓ ଅନ୍ୟାନ୍ୟ ବର୍ଗର ସଂସ୍ପର୍ଶରେ ଆସେ । ନିଜ ପଡୋଶୀ ମାନଙ୍କ ସହିତ ଡିଡ଼ାୟୀର ସଂପର୍କ ଓ ବୁଝାମଣା ଉତ୍ତମ । ଡିଡ଼ାୟୀ ଜନଜାତିମାନେ ହଠାତ୍ ନିଜ ସଂସ୍କୃତି ଠାରୁ ଦୂରେଇ ଯାଆନ୍ତି ନାହିଁ । ନିଜ ସଂସ୍କୃତିକୁ ନିବିଡ ଭାବରେ ଭଲ ପାଉଥିବା ଡିଡାୟୀ, ବଦଳୁଥିବା ସମୟ ସହ ତାଳ ଦେଇ କ୍ରମଶଃ ନିଜେ ବଦଳୁଛି । ଏହା ଫଳରେ ଡିଡ଼ାୟୀର ସମାଜ ଓ ସଂସ୍କୃତି ମଧ୍ୟ ନୂଆରୂପ ନେଉଛି । ମୁଖ୍ୟ ସାମାଜିକ ସ୍ରୋତରେ ନିଜକୁ ମିଶାଇବା ପାଇଁ ଡିଡ଼ାୟୀ ଆଶା କରୁଛି । ଡିଡାୟୀର ଆଶା ଓ ଆକାଙ୍କ୍ଷା ଭିତରେ ପ୍ରାଚୀନ ଓ ନବୀନ ସଂସ୍କୃତିର ସୁସମନ୍ୱୟ ସଂଗଠିତ ହେବାରେ ଲାଗିଛି ।








# ବସତି ଓ ଗୃହ



ଡିଡାୟୀର ବସତି ପରିବେଶ ଅନୁକୂଳ । ପାହାଡ ଅଂଚଳରେ ବାସ କରୁଥିବା ଡିଡାୟୀମାନଙ୍କ ଘର ସମତଳରେ ବାସ କରୁଥିବା ଘର ଠାରୁ ଭିନ୍ନ । ପୁନଶ୍ଚ ଜଳ ବିଭାଜିତ ଅଂଚଳର ଘର ଆଉଟିକେ ନିଆରା । ବାସଗୃହ ନିର୍ମାଣ ଶୈଳୀରେ ସେମିତି କିଛି ଧରାବନ୍ଧା ନିୟମ ନାହିଁ । ନିଜ ଚଳିବା ସୁବିଧା ମୁତାବକ ଏଠି ସେଠି ଯିଏ ଯେଉଁଠି ଘର କଲା ସେଥିରେ କିଛି ବାରଣ ନାହିଁ । ଏହି କାରଣରୁ ଡିଡାୟୀର ଘର ଧାଡ଼ିକିଆ ନହୋଇ ବିକ୍ଷିପ୍ତ ହୋଇଥାଏ ।


ସାଧାରଣତଃ ଡିଡାୟୀ ଘର ତଳ, ଭୂମିଠାରୁ ଫୁଟେ ଦୁଇଫୁଟ ଉଚ୍ଚ । ମାଟିର ମୂଳଦୁଆ ପ୍ରାୟ ୧୩.୫ ଫୁଟ ଲମ୍ବ ଓ ୧୦.୫ ଫୁଟ ଓସାର । ମୋଟା ମୋଟି ଭାବରେ ବାସସ୍ଥାନର ଆକାର ଆୟତକ୍ଷେତ୍ର ପରି । ଘରର ବାହାର ପଟ କାନ୍ଥ ମାଟି କାଦୁଅରେ ତିଆରି । ଘର ମଝିରେ ମୋଟା ଖୁଣ୍ଟରୁ ଚାରିଆଡକୁ ଶେଣୀ । କାଠ ଶେଣୀରୁ ବାଉଁଶର ଲମ୍ବ ରୁଅ । ଉପର ଚାଳ ଛପର । ପ୍ରାୟତଃ ଏକ ବଖୁରିଆ ଘର । ଘରଟି ଦୁଇ ଭାଗରେ ବିଭକ୍ତ । ଗୋଟିଏ ଭାଗରେ ସ୍ୱାମୀ ସ୍ତ୍ରୀଙ୍କ ବାସ ଘର । ଅନ୍ୟଭାଗଟି ଭଣ୍ଡାର ଓ ରୋଷେଇ ଘର ଭାବରେ ବ୍ୟବହୃତ । ଘରର ସମ୍ମୁଖ ଭାଗରେ ଲମ୍ବ ବାରଣ୍ଡା । ସେଇ ବାରଣ୍ଡାରେ ଅବିବାହିତ ପୁତ୍ର କନ୍ୟାମାନେ









ଶୁଆ ବସା କରନ୍ତି । ଘର ମଧ୍ୟକୁ ପ୍ରବେଶ ଓ ପ୍ରସ୍ଥାନ ପଥ ଗୋଟିଏ । ବାରଣ୍ଡାକୁ ବହୁ ରୂପରେ ବ୍ୟବହାର କରାଯାଏ । ଏଇଠି ପିଲାମାନେ ଖେଳିବା ପାଇଁ ଦୋଳିଥାଏ । ବଟାବଟି ପାଇଁ କାଠ ଘୋରଣା । ଘର ଭିତରେ ରହେ ଘରକରଣା ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ । ରୋଷେଇ ନିମନ୍ତେ ସ୍ୱତନ୍ତ୍ର ସ୍ଥାନ ।



ଘରର ଚଟାଣ ଓ କାନ୍ଥ ଥରକୁଥର ଗୋବର ଓ ନାଳି ମାଟିରେ ଲିପା ପୋଛା ହୁଏ । ଘର ବାହାରେ ଗୋରୁଗାଈ, ଛେଳି, ଘୁଷୁରି ମାନଙ୍କ ପାଇଁ ଅଲଗା ଘର । ମାତ୍ର ଅଗଣା ଗୋଟିଏ । ଏକ ପ୍ରକାର ଜଙ୍ଗଲୀ ଘାସ ଦ୍ୱାରା ଘରକୁ














ଛପର କରାଯାଏ । ଘରଟିଏ କରିବା ପୂର୍ବରୁ, ଘର ତୋଳା ସମୟରେ ଓ ଘର ସଂପୂର୍ଣ୍ଣ ହେବା ପରେ ପୂଜା କରିବାର ବିଧି ରହିଛି ।




ଡିଡ଼ାୟୀମାନଙ୍କ ପ୍ରାଚୀନ ଗୃହନିର୍ମାଣ କଳା ଓ ଶୈଳୀରେ ପରିବର୍ତ୍ତନ ଆସିଲାଣି । ସରକାରୀ ଇନ୍ଦିରା ଆବାସ ଯୋଜନାରେ ଇଟା, ସିମେଣ୍ଟ, ଗୋଡି ଆଦିର ବ୍ୟବହାରରେ ଛାତଘର ତିଆରି ହେଲାଣି















# ଡିଡାୟୀ ଜନ ସଂଖ୍ୟା ସାରଣୀ

| ଜନଗଣନା ବର୍ଷ | ମୋଟ | ପୁରୁଷ | ମହିଳା | ଲିଂଗ ଅନୁପାତ |
|---|---|---|---|---|
| ୧୯୪୧ | ୧୬୬୧ | | | |
| ୧୯୫୧ | ଘ.ଇ. | | | |
| ୧୯୬୧ | ୧୯୭୮ | ୯୬୨ | ୧୦୧୬ | ୧୦୫୬ |
| ୧୯୭୧ | ୨୧୬୪ | ୧୧୩୧ | ୧୦୩୩ | ୯୧୩ |
| ୧୯୮୧ | ୧୯୭୮ | ୯୬୮ | ୧୦୧୦ | ୧୦୪୩ |
| ୧୯୯୧ | ୫୪୭୧ | ୨୬୯୪ | ୨୭୭୭ | ୧୦୩୧ |
| ୨୦୦୧ | ୭୩୭୧ | ୩୫୧୬ | ୩୮୫୫ | ୧୦୯୬ |
| ୨୦୦୭* | ୬୫୪୫ | ୩୦୬୪ | ୩୪୮୧ | ୧୧୩୬ |

(* ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସର୍ଭେ ରିପୋର୍ଟ)

୨୦୦୭ ମସିହାରେ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଣ୍ଣୁ ଯୋଜନା ଅଂଚଳରେ କରିଥିବା ଜନ ଗଣନା ଭିତ୍ତିରେ ଡିଡାୟୀ ସାକ୍ଷରତା ହାର - ୭.୩୬ ରହିଛି । ତନ୍ମଧ୍ୟରୁ ପୁରୁଷ ୧୨.୩୪ ଥିବାବେଳେ ମହିଳା ହାର ୨.୯୯ ଦର୍ଶାଯାଇଛି । ସେ ଯାହହେଉ ଡିଡାୟୀ ସାକ୍ଷରତା ହାର ଖୁବ୍ ନ୍ୟୁନ ଏବଂ ମହିଳା ସାକ୍ଷରତା ହାର ଆହୁରି ଉଦ୍‌ବେଗ ଜନକ ଭାବରେ କମ୍ । ପ୍ରାୟତଃ ଡିଡାୟୀ ଗ୍ରାମ ଗୁଡିକରେ କେବଳ ଡିଡାୟୀ ବସତି ଦେଖାଯାଏ । ଅବଶ୍ୟ କେତେକ ଗ୍ରାମରେ ବହୁ ଗୋଷ୍ଠୀ ଯଥା - ଡମ, କମାରଙ୍କର ବସତି ଲକ୍ଷ୍ୟ କରାଯାଏ ।


## ଡିଡ଼ାୟୀ ସାକ୍ଷରତା ସାରଣୀ

୧୯୬୧ ରୁ ୨୦୦୧ ମଧ୍ୟରେ ଡିଡାୟୀ ସମାଜର ସାକ୍ଷରତା ହାର

୧୯୬୧ ରେ ନିରକ୍ଷରତା ହାର ଥିଲା ୯୭.୨୭ । ତନ୍ମଧ୍ୟରୁ ପୁରୁଷ : ୯୫.୨୨ ମହିଳା : ୯୯.୨୧

୨୦୦୧ ରେ ଏହି ନିକ୍ଷରତା ହାର ୮୬.୩୮ ହେଲା ତନ୍ମଧ୍ୟରୁ ପୁରୁଷ : ୭୯.୭୭ ମହିଳା :୯୪.୦୭





# ସାମାଜିକ ଜୀବନ

ଡିଡାୟୀ ମାନଙ୍କର ସାମାଜିକ ସଙ୍ଗଠନ ରହିଛି । ପରିବର୍ତ୍ତିତ ଜୀବନଶୈଳୀରୁ ସେମାନଙ୍କର ଇତିହାସ ସମ୍ବନ୍ଧରେ ସମ୍ୟକ୍ ସୂଚନା ମିଳେ । ସେମାନଙ୍କ ଭିତରେ ଦୁଇ ଗୋଷ୍ଠୀ ଦେଖାଯାଏ । ଗୋଟିଏ ରକ୍ତ ସଂପର୍କୀୟ ଜ୍ଞାତି କୁଟୁମ୍ବ ଗୋଷ୍ଠୀ ଓ ଅପରଟି ମାତୁଳ ବଂଶୀୟ ବଂଧୁଗୋଷ୍ଠୀ । ସବୁ ବଂଶର ଗୋତ୍ର ଥାଏ । ପ୍ରତିଗୋତ୍ରରେ କେତେ ଗୁଡିଏ ବଂଶ ରହିଥାଏ । ଭାରତୀୟ ନୃ-ତାତ୍ତ୍ୱିକ ସର୍ବେକ୍ଷଣ (୧୯୭୦) ସଂସ୍ଥାର ରିପୋର୍ଟ ଆଧାରରେ ଡିଡାୟୀ ମାନଙ୍କର ୫ ପ୍ରକାର ଗୋତ୍ର ରହିଛି । ସେଗୁଡିକ ହେଲା - Nkoo (ନ୍‌କୋ) ବାଘ, ଗବକ୍ଷବ (ମାଲା) ସାପ, ଏଭର (ଗ୍‌ବେ) ଭାଲୁ, Mosali (ମୋସାଲି) କୁମ୍ଭୀର ଓ ଏବସ (ଗଇ) କଇଁଛ । ଗୋଟିଏ ବଂଶର ଗୋଷ୍ଠୀକୁ ସେମାନେ Gta (ଗ୍‌ତା) କହନ୍ତି । ଗୋଟିଏ ଗ୍‌ତାର ସ୍ୱତନ୍ତ୍ର ଗୋତ୍ର ଥାଏ । ଗୋତ୍ର, ବୃକ୍ଷ ବା ଅନ୍ୟ କୌଣସି ବସ୍ତୁ ନ ହୋଇ ଜୀବଭିତ୍ତିକ ହୋଇଥାଏ । ନିଜ ଗୋତ୍ରର ଜୀବକୁ ସେମାନେ ମାରନ୍ତି ନାହିଁ ଅଥବା କୌଣସି କ୍ଷତି ସାଧନ କରନ୍ତି ନାହିଁ । ପ୍ରତି ଗୋତ୍ରର ସ୍ୱତନ୍ତ୍ର ସ୍ଥିତି ରହିଥିଲେ ମଧ୍ୟ ବଂଶାନୁକ୍ରମ ପୂର୍ବ ପୁରୁଷ ମାନଙ୍କର ସଠିକ ଆକଳନ ଏବେ ଏକ ଦୁରୂହ ବ୍ୟାପାର । ସେମାନେ ନିଜ ଗୋଷ୍ଠି ବାହାରେ ବିବାହ କରନ୍ତି । ପିତୃବଂଶ ମଧ୍ୟରେ ଅନ୍ତଃବିବାହ ସଂପର୍କର ପ୍ରଚଳନ ଡିଡାୟୀ ସମାଜରେ ନାହିଁ । ଦୁଇ ବା ତତୋଧିକ ବଂଶ ମଧ୍ୟରେ ଉତ୍ତମ ସଂପର୍କ ରହିଥାଏ । ବୈବାହିକ ସଂପର୍କ ବ୍ୟତୀତ ପିଲାଜନ୍ମ, ଝିଅ ଘର ଯୋଗ୍ୟ ହେବା, ମୃତ୍ୟୁବିଧି ପାଳନ କରିବା ଆଦି ସାମାଜିକ କ୍ରିୟାକର୍ମଗୁଡିକରେ ବଂଶର ସଦସ୍ୟମାନେ ଅଂଶଗ୍ରହଣ କରିଥାନ୍ତି । ଡିଡାୟୀ ମାନଙ୍କର ପରିବାର ଛୋଟ । ବୟୋଜ୍ୟେଷ୍ଠ ପୁରୁଷ ସଦସ୍ୟ ପରିବାରର ମୁଖ୍ୟ ହୋଇଥାନ୍ତି । ସେ ସମସ୍ତ ପ୍ରକାର ନିଷ୍ପତ୍ତି ନିଅନ୍ତି । ବିବାହ ପରେ ପୁଅ ତା'ର ସ୍ତ୍ରୀ ସହିତ ଅଲଗା ଘର ତିଆରି କରି ରୁହେ । ସେମାନେ ସାଧାରଣତଃ ଏକ ପତ୍ନୀ ଗ୍ରହଣ କରନ୍ତି । ସ୍ଥଳବିଶେଷରେ କେହି କେହି ବୁହୁପତ୍ନୀ ଗ୍ରହଣ କରିଥିବାର ଦେଖାଯାଏ । ବାପା,ମାଆ ଓ ଅବିବାହିତ ପୁତ୍ରକନ୍ୟାଙ୍କୁ ନେଇ ଗଠିତ କ୍ଷୁଦ୍ର ପରିବାର ସମୂହ ପାହାଡି ଇଲାକାରେ ବସବାସ କଲାବେଳେ, ବଡ ପରିବାର ଗୁଡିକ ଅପେକ୍ଷାକୃତ ସମତଳ ଅଂଚଳରେ ବସବାସ କରୁଥିବାର ଦେଖାଯାଏ । ସମସ୍ତେ ସାମାଜିକ ଓ ଅର୍ଥନୈତିକ ଅଧିକାର ଉପଭୋଗ କରନ୍ତି । ଶାନ୍ତିପ୍ରିୟ ଡିଡ଼ାୟୀମାନେ ନିଜ ନିଜ ଭିତରେ ଉତ୍ତମ ସଂପର୍କ ଓ ବୁଝାମଣା ରଖିଥାନ୍ତି । ପ୍ରସ୍ତାବ ବିବାହ, ଉଦୁଲିଆ ବିବାହ ଓ ଗେରିଆ ବିବାହ ପ୍ରଥା ସେମାନଙ୍କ ମଧ୍ୟରେ ପ୍ରଚଳିତ । ସେମାନଙ୍କ ମଧ୍ୟରେ ବିଧବା ବିବାହ ପ୍ରଥା ରହିଛି । ସାମାଜିକ ଉତ୍ତରାଧିକାର ସ୍ଥଳେ ଜ୍ଞାତି କୁଟୁମ୍ବ ବିଚାରକୁ ଗୁରୁତ୍ୱ ଦିଆଯାଏ ।





# ଆଭୂଷଣ


ବର୍ତ୍ତମାନ କାଳରେ ଡିଡାୟୀମାନଙ୍କ ପରିଧାନ ରୁଚି ବଦଳିଲାଣି । ସପ୍ତାହିକ ହାଟରୁ ସୂତା ଲୁଗା, ଜାମା ପଟା, ପୋଷାକ ପତ୍ର ଆଦି କିଣି ଉଭୟ ପୁରୁଷ ଓ ମହିଳା ମାନେ ବ୍ୟବହାର କରୁଛନ୍ତି । ଡିଡାୟୀ ମହିଳାମାନେ ମୁଖ୍ୟତଃ ଧଳା ଓ ନାଲି ରଂଗର ଶାଢ଼ୀ ସହିତ ବ୍ଲାଉଜ ପିନ୍ଧନ୍ତି । ପୁରୁଷମାନେ ଟ୍ରାଉଜର, ହାପ୍ ସାର୍ଟ, ଫୁଲସାର୍ଟ, ଗଞ୍ଜି ଆଦି ପିନ୍ଧୁଛନ୍ତି । ପର୍ବପର୍ବାଣି ବେଳେ ପୁରୁଷ ମାନେ ଧୋତି ପିନ୍ଧନ୍ତି । ଉଭୟେ ପୁରୁଷ ଓ ମହିଳା ପର୍ବପର୍ବାଣି ଗୁଡିକରେ ରଙ୍ଗିନ୍ ପୋଷାକ ପତ୍ର ପିନ୍ଧିବାକୁ ଅଧିକ ପସନ୍ଦ କରିଥାନ୍ତି ।



ଡିଡାୟୀ ମହିଳାମାନେ ବେକରେ ଆଲୁମିନିୟମ୍, ପିତଳ ଓ ରୂପାର ହାର ପିନ୍ଧନ୍ତି । ତାର ସାହାଯ୍ୟରେ ତହିଁରେ ରଙ୍ଗିନ୍ ପଦକ ମାନ ଶୋଭା ପାଉଥାଏ । ଏହା ବ୍ୟତୀତ ସେମାନେ ଆଲୁମିନିୟମ ବଳା, ପିତଳ କାନଫୁଲ, ନାକଫୁଲ; ମଧ୍ୟ ପିନ୍ଧନ୍ତି । ହାତରେ ରୂପା ତିଆରି ଚୁଡି ବ୍ୟବହାର କରନ୍ତି ।

ପୋଷାକ ପତ୍ର ପିନ୍ଧି ଓ ଅଳଂକାରରେ ସଜେଇ ହୋଇ ନିଜକୁ ସୁନ୍ଦର ଭାବରେ ଉପସ୍ଥାପନ କରିବାରେ ଡିଡାୟୀ ରମଣୀ ବେଶ୍ ଯତ୍ନଶୀଳା । ପରିଷ୍କାର ପରିଚ୍ଛନ୍ନତା ପ୍ରତି ସେମାନେ ସୁବବେଳେ ଧ୍ୟାନ ଦିଅନ୍ତି । ମୁଣ୍ଡକୁ ସୁନ୍ଦର ଭାବରେ କୁଣ୍ଡାଇ ଆକର୍ଷଣୀୟ କୁଡା ପାରନ୍ତି ।

ପୁରୁଷମାନେ ଦାଢୀ ଖିଅର ହୁଅନ୍ତି । ବାଳ ବଢିଗଲେ ବାଳ କାଟନ୍ତି । ନିଜକୁ ସଜେଇବା ପାଇଁ ପର୍ବପର୍ବାଣିରେ ରଙ୍ଗିନ୍ ଫୁଲ ଓ ପର ବ୍ୟବହାର କରନ୍ତି ।





# ଅର୍ଥନୀତି ଓ ଜ୍ଞାନ କୌଶଳ

ଘଞ୍ଚ ପାହାଡ ପର୍ବତ ଭିତରେ ବାସ କରୁଥିବାରୁ ଡିଡ଼ାୟୀ ମାନେ ଚାଷ କରିବା ପାଇଁ ବହୁତ କମ୍ ଚାଷୋପଯୋଗୀ ଜମି ପାଆନ୍ତି । ବୟସ ଓ ଲିଙ୍ଗ ଭେଦରେ କିଏ କେଉଁ କାମ କରିବ ତାହା ଠିକ୍ କରାଯାଏ । ଦାରିଦ୍ର୍ୟ, ନିରକ୍ଷରତା ଓ କାମଧନ୍ଦା ନ ପାଇବା କାରଣରୁ ସୁସ୍ଥ ନିରାମୟ ଜୀବନଯାପନ କରିବା କଠିନ ହୋଇପଡ଼େ । ସାମାଜିକ ବିଶ୍ୱାସ ଓ ଚିରାଚରିତ ପୁରୁଣା ଅଭ୍ୟାସରୁ ଡିଡାୟୀମାନେ ଅଦ୍ୟାବଧି ମୁକ୍ତ ହୋଇ ପାରିନାହାଁନ୍ତି ।

ଶିକାର, ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ, ପୋଡୁଚାଷ, ସାଧରଣ ଚାଷ, ପଶୁପାଳନ, ଫଳ ଚାରା ରୋପଣ, ବାଡ଼ି ବଗିଚା ଆଦି କାମ ଧନ୍ଦା କରି ଡିଡାୟୀମାନେ ଦୁଇ ପଇସା ରୋଜଗାର କରନ୍ତି । ନିଜର ବାସଗୃହ ତିଆରି କରିବାପାଇଁ ଜଙ୍ଗଲରୁ ଆବଶ୍ୟକ କାଠ ଓ ଅନ୍ୟାନ୍ୟ ଉପକରଣମାନ ସଂଗ୍ରହ କରନ୍ତି । ଏହା ବ୍ୟତୀତ ସେମାନେ ଜଙ୍ଗଲରୁ ନିଜେ ଚଳିବା ପାଇଁ ପତ୍ର, ଫୁଲ, ଫଳ, ମୂଳ, ଛତୁ, ମହୁ ଆଦି ସଂଗ୍ରହ କରନ୍ତି । ଧନୁ ତୀର ସାହାଯ୍ୟରେ ହରିଣ, ସମ୍ବର, ଠେକୁଆ, ଗୁଣ୍ଡୁଚି ମୂଷା, ବଣ ବିରାଡି, ଘୁଷୁରି, ବିଭିନ୍ନ ପକ୍ଷୀ ଆଦି ଶିକାର କରନ୍ତି । ସରକାରୀ କଟକଣା କାରଣରୁ ବର୍ତ୍ତମାନ ଆଉ ଶିକାର କରି ହେଉନାହିଁ । ଡିଡାୟୀମାନେ ମଧ୍ୟ ବସବାସ କରୁଥିବା ଅଂଚଳରେ ପ୍ରବାହିତ ଚିରସ୍ରୋତା ନଦୀ ଓ ଝରଣାରୁ ମାଛ ଧରନ୍ତି । ଏବେ ବାଲିମେଳା ଜଳ ଭଣ୍ଡାରରୁ ମାଛ ଧରି ବେଶ୍ ଉପକୃତ ହେଉଛନ୍ତି । ମାଛ ଧରିବା ପାଇଁ ସେମାନେ ଦେଶୀ ଡଙ୍ଗା, ହାତ ତିଆରି ଜାଲ ଓ ବିଭିନ୍ନ ପ୍ରକାର ହାତ ତିଆରି ମାଛଧରା ଯନ୍ତ୍ର ବ୍ୟବହାର କରୁଛନ୍ତି ।



ଗଡ଼ାଣିଆ ପାହାଡରେ ଡିଡାୟୀମାନେ ପୋଡୁଚାଷ କରନ୍ତି । ଏହାକୁ ସେମାନେ 'ବ୍ରି' କୁହନ୍ତି । ପୋଡୁଚାଷ ଦ୍ୱାରା ମୃତ୍ତିକା କ୍ଷୟ ହୁଏ ଓ ଉର୍ବରତା ହ୍ରାସ ପାଏ । ପରିବେଶର ସନ୍ତୁଳନ ବାଧା ପ୍ରାପ୍ତ ହୁଏ । ଠିକ୍ ସମୟରେ ବର୍ଷା ହୁଏ ନାହିଁ । ଏତେ ସବୁ ସତ୍ତ୍ୱେ ଡିଡାୟୀମାନେ ପୋଡୁଚାଷରୁ ଅଦ୍ୟାବଧି ବିରତ ହୋଇ ନାହାଁନ୍ତି । ଏହାର ମୁଖ୍ୟ କରଣ ହେଉଛି ସେମାନଙ୍କ ନିମନ୍ତେ ଜୀବନ ଧାରଣର ଅନ୍ୟ ବିକଳ୍ପ ନାହିଁ ।


ପାହାଡ ଗଡାଣିରେ ପୋଡୁଚାଷ କରି ଜୀବନ ଜୀବିକା ନିର୍ବାହ କରିବା ଏବେ ମଧ ଡିଡ଼ାୟୀମାନଙ୍କ ଜୀବନର ଏକ ବିଶେଷ ଅଙ୍ଗ ହୋଇ ରହିଛି । ଗୋଟିଏ ନିର୍ଦ୍ଦିଷ୍ଟ ଜମିକୁ








ସେମାନେ ଏକାଦିକ୍ରମେ ୩ ବା ୪ ବର୍ଷ ଧରି ଚାଷ କରନ୍ତି । ଜମିର ଉର୍ବରତା ହ୍ରାସ ପାଇଲେ ଚାଷକାର୍ଯ୍ୟ ବନ୍ଦ କରନ୍ତି । ୧୨ ବା ୧୫ ବର୍ଷପରେ ଜମି କ୍ରମଶଃ ଉର୍ବର ହୋଇ ଆସିଲେ ସେହି ଜମିରେ ପୁନଶ୍ଚ ଚାଷ କରାଯାଏ । ଗ୍ରାମ ସୀମାକୁ ଲାଗିଥିବା ପାହାଡ ପୋଡୁଚାଷ କରିବା ପାଇଁ ଉପଯୁକ୍ତ କ୍ଷେତ୍ର । ପୋଡୁଚାଷର କେତେକ ପର୍ଯ୍ୟାୟ ରହିଛି । ସେଗୁଡିକ ହେଲା -



(୧) ପୋଡୁଚାଷ ନିମନ୍ତେ ଉପଯୁକ୍ତ କ୍ଷେତ୍ର ଚୟନ (୨) ଚାଷ ନିମନ୍ତେ ନିର୍ବାଚିତ କ୍ଷେତ୍ରରୁ ଗଛ, ବୁଦା ଆଦି କାଟି ତାହାକୁ ସଫା କରିବା (୩) କ୍ଷେତ୍ରକୁ ସଫା କଲାବେଳେ ଗଛ, ଡାଳ ପତ୍ର, ଘାସ ଆଦି ଶୁଖିଗଲେ ସେଥିରେ ନିଆଁ ଲଗାଇବା ।

(୪) ଜମି ସାରା ପୋଡା ପାଉଁଶକୁ ବିଛେଇ ଦେବା (୫) ଜମିଟିକୁ ବାଡବନ୍ଦି କରିବା (୬) କୋଡିବା, ଖୁସେଇବା ।

(୭) ବିହନ ବୁଣିବା (୮) ଘାସ ବାଛିବା (୯) ଫସଲ କାଟିବା (୧୦) ଅମଳ କରିବା କାଠ ଓ ବାଉଁଶ ଦଣ୍ଡକୁ ଫସଲ ଅମଳ କଲାବେଳେ ବ୍ୟବହାର କରାଯାଏ ।

ଡିଡାୟୀମାନେ ପୋଡୁଚାଷ ବ୍ୟତୀତ ସାଧାରଣ କୃଷି କରିଥାନ୍ତି । ଏଥିରେ ହଳ ଲଙ୍ଗଳର ବ୍ୟବହାର ହୁଏ । ପୋଡୁଚାଷ ତୁଳନାରେ ସାଧାରଣ କୃଷିରୁ ଅଧିକ ଫସଲ ମିଳେ । ମୌସୁମୀ ବର୍ଷା ଆରମ୍ଭ ପରେ ପରେ ଚାଷ କାମ ଆରମ୍ଭ ହୁଏ । ସମତଳ ଜମି ସାଧାରଣ






କୃଷି ନିମନ୍ତେ ଉପଯୁକ୍ତ । ଏହି ଜମିରେ ମୁଖ୍ୟତଃ ଧାନ ଚାଷ ହୁଏ । ବର୍ତ୍ତମାନ କୃଷକମାନେ ସାଧାରଣ କୃଷିକ୍ଷେତ୍ରରୁ ଅଧିକ ଫସଲ ଉତ୍ପାଦନ କରିବା ନିମନ୍ତେ ରାସାୟନିକ ସାର ପ୍ରୟୋଗ କରୁଛନ୍ତି । ଆଗରୁ କୃଷିକ୍ଷେତ୍ରରେ ଗୋବର ବ୍ୟବହାର କରାଯାଉଥିଲା । ଜମିକୁ ହଳ କରିସାରିବା ପରେ ମଇ ବା କାଠ ନିର୍ମିତ ଲମ୍ବ କୃଷିଉପକରଣ ସାହାଯ୍ୟରେ କ୍ଷେତ୍ରର ମାଟିକୁ ସମତଳ କରାଯାଏ ।




ଦୂର ଅତୀତରେ ଡିଡାୟୀମାନେ କେବଳ କୁକୁର ଓ ଘୁଷୁରି ଗୃହପାଳିତ ପଶୁ ହିସାବରେ ପାଳନ କରୁଥିଲେ । ବର୍ତ୍ତମାନ ସେମାନେ ଗାଈ, ମଇଁଷି, ବଳଦ, ଛେଳି, ମେଣ୍ଢା ଆଦି ପାଳନ କରୁଥିବାର ଦେଖାଯାଉଛି । ସେମାନେ ଗାଈକୁ ଦୁହଁନ୍ତି ନାହିଁ । ବଳଦମାନଙ୍କୁ ହଳ କରିବାରେ ବ୍ୟବହାର କରନ୍ତି ଓ ଆବଶ୍ୟକ ସ୍ଥଳେ ଝିଅ ବାହାହେଲାବେଳେ କନ୍ୟାସୁନା ହିସାବରେ ଦିଅନ୍ତି । ୨୦୦୧-୦୨ ମସିହାର ଆକଳନ ଅନୁସାରେ ସେମାନଙ୍କ ବାର୍ଷିକ ଆୟର ଶତକଡା ୧୧.୮୩ ଭାଗ ପଶୁଧନରୁ ପାଇଥାନ୍ତି । ସେମାନଙ୍କର ବାର୍ଷିକ ହାରାହାରି ଘର ପିଛା ଆୟ ୧୨୫୦ ଟଙ୍କା । ଉପାର୍ଜନ କରିବା ଓ ପର୍ବପର୍ବାଣିରେ ବଳିଦେବା ଲକ୍ଷ୍ୟରେ ଡିଡାୟୀମାନେ କୁକୁଡା ପାଳନ କରୁଛନ୍ତି ।



ଡିଡାୟୀମାନେ ବସବାସ କରୁଥିବା ଅଂଚଳରେ ବିଭିନ୍ନ ସରକାରୀ ଯୋଜନାମାନ ପ୍ରଣୟନ ହେବାରେ ଲାଗିଛି । ପ୍ରଣୀତ ଯୋଜନାର ସୁବିଧା ନେବା ପାଇଁ ସେମାନେ ଆଗଭର ହେଉଛନ୍ତି । ଉଦ୍ୟାନ କୃଷି ସହିତ ଅନ୍ୟାନ୍ୟ କୃଷିପ୍ରତି ସେମାନେ ଏବେ ଧ୍ୟାନ ଦେଲେଣି । ଋତୁକାଳୀନ ପନିପରିବା ଚାଷ କରୁଛନ୍ତି । ଅମୃତଭଣ୍ଡା, କଦଳୀ, ଧୂଆଁପତ୍ର ଆଦି ଚାଷ












କରିବା ସହିତ ବାଡି ବଗିଚାରେ ଆମ୍ବ, ପଣସ ଓ ତେନ୍ତୁଳି ଗଛ ମଧ୍ୟ ଲଗାଉଛନ୍ତି ।

ଯେଉଁମାନେ ଭୂମିହୀନ ସେମାନେ ଦିନ ମଜୁରିଆ ଭାବରେ କାମ କରୁଛନ୍ତି । ଗୃହ ନିର୍ମାଣ; ରାସ୍ତାକାମ ଇତ୍ୟାଦି କରି କିଛି ପଇସା ରୋଜଗାର କରୁଛନ୍ତି ।

ଡିଡାୟୀମାନେ ବସବାସ କରୁଥିବା ଅଂଚଳରେ ଚାଷୋପଯୋଗୀ ଜମିର ଅଭାବ ଏମାନଙ୍କ ଅର୍ଥନୈତିକ ପ୍ରଗତିର ବାଧକ । ଏବେ ମଧ୍ୟ ସେମାନଙ୍କ ମଧ୍ୟରେ ବିନିମୟ ବ୍ୟବସ୍ଥା ରହିଛି । ଏହା ବ୍ୟତୀତ ସେମାନେ ଭାତ; ବିଭିନ୍ନ କନ୍ଦା, ସବୁଜ ପନିପରିବା, ବାଉଁଶ କରଡି ଗଜା, ଶାଗ, ଇତ୍ୟାଦି ଖାଇଥାନ୍ତି । ମାତ୍ର ପର୍ବପର୍ବାଣି ଓ ଉତ୍ସବାଦି ଅନୁଷ୍ଠାନ ମାନଙ୍କରେ ମାଛ, ମାଂସ ଖାଆନ୍ତି । ଖାଦ୍ୟକୁ ସ୍ୱାଦ୍ୱିଷ୍ଟ କରିବା ନିମନ୍ତେ ଲୁଣ, ଲଂକା ଓ ବିଭିନ୍ନ ପ୍ରକାର ମସଲା ବ୍ୟବହାର କରନ୍ତି । ମଦ୍ୟ ହିସାବରେ ସେମାନେ ସଲପ ରସ ପାନ କରନ୍ତି । ବର୍ତ୍ତମାନ ଯୁବକମାନେ ଚା ଓ କଫି ପାନ କରିବା ଦେଖାଯାଉଛି ।





# ରାଜନୈତିକ ଜୀବନ

ଡିଡାୟୀ ମାନଙ୍କର ତ୍ରି-ସ୍ତରୀୟ ବା ତିନି ଥାକିଆ ରାଜନୈତିକ ସଙ୍ଗଠନ (Political organisation) ରହିଛି । ସେଗୁଡିକ ହେଲା - (୧) କେନ୍ଦ୍ରୀୟ ସଙ୍ଗଠନ (୨) ଆଞ୍ଚଳିକ ସଙ୍ଗଠନ (୩) ଗ୍ରାମ ସଙ୍ଗଠନ । କୁଡୁମୁଲୁଗୁମାଠରେ କେନ୍ଦ୍ରୀୟ ସଙ୍ଗଠନର ମୁଖ୍ୟ ଦପ୍ତର ଥିଲା । ବର୍ତ୍ତମାନ ଏହା ଅକାମୀ ହୋଇପଡିଛି । ଏହାର ଆଉ କୌଣସି ଗୁରୁତ୍ୱ ନାହିଁ । ସେହିପରି କେତେକ ଗ୍ରାମକୁ ନେଇ ଗଢିଉଠିଥିବା ସ୍ଥାନୀୟ ସଙ୍ଗଠନର ସେତେଟା ପ୍ରାଧାନ୍ୟ ନଥିଲେ ମଧ୍ୟ ପୋଡୁଚାଷ, ଜଙ୍ଗଲ ପରିଚାଳନାକୁ କାର୍ଯ୍ୟକାରୀ ହେଉଛି । ଡିଡାୟୀମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନ ମୁଖ୍ୟତଃ ଗ୍ରାମ ସଙ୍ଗଠନ ଦ୍ୱାରା ନିୟନ୍ତ୍ରିତ । ପ୍ରତି ଡିଡାୟୀ ଗ୍ରାମ ସ୍ୱୟଂ ଶାସିତ ଓ ଆତ୍ମନିର୍ଭରଶୀଳ । ସକଳ ସାମାଜିକ, ଆର୍ଥିକ ଓ ଧାର୍ମିକ କାର୍ଯ୍ୟ ଧାରା ଗ୍ରାମ ପରିଷଦଦ୍ୱାରା ପରିଚାଳିତ । ଗ୍ରାମ ମୁଖ୍ୟଙ୍କୁ ନାୟକ କୁହାଯାଏ । ଚାଲଣ ଓ ବାରିକ ସବୁକାମରେ ନାୟକଙ୍କୁ ସାହାଯ୍ୟ, ସହଯୋଗ କରନ୍ତି । ପ୍ରତି ଘରର ମୁଖିଆ ବ୍ୟକ୍ତି ଗ୍ରାମ ପରିଷଦର ସଦସ୍ୟ ରୁହନ୍ତି । ନାୟକ, ଧର୍ମୀୟ ମୁଖ୍ୟ, ପଲାସୀ ଓ ଅନ୍ୟ ବୟୋଜ୍ୟୋଷ୍ଠ ବ୍ୟକ୍ତିମାନଙ୍କ ସହ ପରାମର୍ଶ ତଥା ବିଚାର ବିମର୍ଶ କରି ବିଭିନ୍ନ ଘଟଣାବଳୀର ଉପଯୁକ୍ତ ନିଷ୍ପତ୍ତି କରନ୍ତି ।



ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଚଳନ ଫଳରେ ପାରଂପରିକ ପ୍ରାଚୀନ ସାମାଜିକ ଶାସନ ବ୍ୟବସ୍ଥା କ୍ରମଶଃ ଭୁଷୁଡି ପଡିବାରେ ଲାଗିଛି । ପଞ୍ଚାୟତିରାଜ ବ୍ୟବସ୍ଥାରେ ୱାର୍ଡ ମେମ୍ବର, ସରପଞ୍ଚ, ସମିତି ସଭ୍ୟ; ଜିଲ୍ଲା ପରିଷଦସଭ୍ୟ, ପଞ୍ଚାୟତ ସମିତି ଚେୟାରମ୍ୟାନ ଆଦି ପଦବୀ ନିମନ୍ତେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ହେଉଛି। ନିର୍ବାଚିତ ପ୍ରତିନିଧିମାନେ ସରକାରୀ ଆଇନ କାନୁନ୍ ମୁତାବକ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରୁଛନ୍ତି । ଗୋଷ୍ଠୀ ଉନ୍ନୟନ କାର୍ଯ୍ୟରେ ପାରଂପରିକ ମୁଖ୍ୟ ଓ ନିର୍ବାଚିତ ପ୍ରତିନିଧି ମାନଙ୍କ ମତାମତ ଉପରେ ଗୁରୁତ୍ୱ ଆରୋପ କରି ବିକାଶମୁଖୀ କାର୍ଯ୍ୟଧାରା ପରିଚାଳିତ ହେଉଛି ।





# ପ୍ରକୃତି ଉପାସନା

ଡିଡ଼ାୟୀ ଜୀବନଧାରା ସହିତ ଧର୍ମ ବିଶ୍ୱାସ ଓ ପ୍ରକୃତି ପୂଜା ଜଡିତ । ଐଶ୍ୱରିକ ଶକ୍ତି ଉପରେ ସେମାନଙ୍କର ଗଭୀର ଆତ୍ମବିଶ୍ୱାସ । ସେମାନେ ପାପକୁ ଘୃଣା କରନ୍ତି । ଡିଡାୟୀ ଧର୍ମ ଧାରଣାରେ ଭୌତିକ ଓ ଆଧିଭୌତିକ ଦୁଇଗୋଟି ସତ୍ତା । ଧର୍ମ ଧାରଣା ସେମାନଙ୍କ ଗୋଷ୍ଠୀ ଏକତା ରଖିବାରେ ସାହାଯ୍ୟ କରେ । ନୈତିକ ମୂଲ୍ୟବୋଧ ଭିତରେ ସାମାଜିକ ଓ ବ୍ୟାବହାରିକ ଆବଶ୍ୟକତାର ପରିପୂରଣ ସହିତ ପବିତ୍ର ଜୀବନବୋଧର ସଂଧାନ ଦିଏ । ଦୁଃଖ, ଦୁର୍ଦ୍ଦଶା, ବାଧା, ବଂଧନ ଓ ଜଂଜାଳଗ୍ରସ୍ତ ଜ୍ୱାଳାମୟ ଜୀବନକୁ ଅତିକ୍ରମ କରି ବଂଚି ରହିବା ନିମନ୍ତେ ଅହରହ ସଂଗ୍ରାମ କରିବା ସହିତ ସରଳ ବିଶ୍ୱାସୀ ଡିଡ଼ାୟୀମାନେ ନିଜକୁ



ସର୍ବଶକ୍ତିମାନ ଅଦୃଷ୍ଟ ପାଖରେ ସମର୍ପି ଦିଅନ୍ତି । ଧର୍ମ ମାଧମରେ ସେମାନେ ସାମାଜିକ ସଂହତି ରଖନ୍ତି । ନିଜର କର୍ମମୟ ଜୀବନରେ ସାମାଜିକ ନିୟମାବଳୀର ଅନୁପାଳନ ସହିତ ସୁଖ ଓ ଶାନ୍ତି ପାଇଥାନ୍ତି । ଧର୍ମ ଓ ଗୁଣିଗାରେଡି ବିଦ୍ୟା ଦୁଇଟି ବିପରୀତ ମୁଖୀ ଚିନ୍ତାଧାରା ହେଲେ ମଧ ଡିଡ଼ାୟୀ ମାନେ ଉଭୟରେ ବିଶ୍ୱାସ କରନ୍ତି । ଧର୍ମରେ ସରଳ ବିଶ୍ୱାସ ଓ ଆତ୍ମସମର୍ପଣର ଭାବ ଥିବା ବେଳେ ଗୁଣିଗାରେଡି ବିଦ୍ୟାରେ ବାଧବାଧକତା ଥାଏ । ଅଜଣା ଓ ଅଦୃଷ୍ଟ ଶକ୍ତି ଆଧାରରେ ଧର୍ମ ଓ ଗୁଣିଗାରେଡିରେ ଥିବା ପାରଂପରିକ ବିଶ୍ୱାସବୋଧ ସାଂସ୍କୃତିକ ଚେତନାକୁ ନିୟନ୍ତ୍ରିତ କରେ ।





ଡିଡାୟୀ ମାନେ ବହୁଦେବ ବିଶ୍ୱାସୀ । ସେମାନଙ୍କ ଧର୍ମ ଧାରଣା ଓ ବିଶ୍ୱାସ ଭିତରେ ଉଭୟ ଉପକାରୀ ଓ ଅପକାରୀ ଶକ୍ତି ଅନ୍ତର୍ଭୁକ୍ତ । ମଣିଷର ଉତ୍ପତ୍ତି ଓ ବିକାଶ ମୁଖୀ ଅନୁଶୀଳନ ଧାରାହିଁ ଡିଡାୟୀର ଧର୍ମ । ମାଟି ମା ଉପରେ ସେମାନଙ୍କର ଅଗାଧ ବିଶ୍ୱାସ । ଭାରତୀୟ ନୃ-ତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ତାଲିକା ମୁତାବକ ସେମାନଙ୍କର ଆଠ ଯୋଡି ଦେବଦେବୀ ରହିଛନ୍ତି । ସେମାନେ ହେଲେ - ବଡ଼ଭୈରୋ ଓ ନାନାଗ୍ରୀ, ବାଙ୍ଗୁର ଓ ରସକୁରକୁ, ଗୋଆ ଓ ସେଣ୍ଡିଆ, ରାଉ ଓ ଅକ୍‌ସିଆ, ଗୋଣ୍ଡ ଓ ସୁନୀ, ଠାକରାନ୍ ଓ ବୁଢୀମାତା, ଜାନୀମାତା ଓ ରେକାପାଇତ୍ରୁ, ବକ୍ ଓ ପା । ଡିଡାୟୀ ମାନଙ୍କ ଧାର୍ମିକ ମୁଖ୍ୟଙ୍କୁ 'ପଲାସୀ' କୁହନ୍ତି । ବିଭିନ୍ନ ପର୍ବପର୍ବାଣି ଓ ଧର୍ମ କାର୍ଯ୍ୟରେ ପଲାସୀଙ୍କୁ ଯେଉଁମାନେ ସାହାଯ୍ୟ କରନ୍ତି ସେମାନେ ହେଲେ କିତଙ୍ଗ୍ ପୂଜାରୀ, ଡୋଏକନ୍‌ଗ୍ରୋ, ସିହ୍‌ଦା ମରେ, ଢୁମ୍ବାରେ, ଘରଓ୍ୱାରେ, ଗେଡ଼ିଆରେ ଇତ୍ୟାଦି । ଡିଡାୟୀମାନେ ବର୍ଷସାରା ନାନାପ୍ରକାର ପର୍ବପର୍ବାଣି ପାଳନ କରନ୍ତି । ସେମାନେ ପାଳନ କରୁଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣି ହେଲା - ଲେଣ୍ଡି ପାଣ୍ଡେ, ଘିଆ ପାଣ୍ଡେ, ସିବଲୟ ହିଆ, କୁଗୁଲ୍‌ବାର୍ ହିଆ, ଚିଆନ୍‌ଗେଇ ହିଆ, ଦୋ ଆସେ ହିଆ, ଗୋଏସେଣ୍ଡିଆ ହିଆ, ସିଙ୍ଗୁଟି ହିଆ, ରାସ୍‌କୁରକୁ ହିଆ, ଦଶରା ହିଆ, ଭୈରୋ ପୂଜା, ରୋକଡିଆ ହିଆ, ଓସାର୍କେ ପାଣ୍ଡେ ଇତ୍ୟାଦି । ଦେବଦେବୀଙ୍କୁ ପୂଜା କରିବା ସମୟରେ ସେମାନେ ଯେତେବେଳେ ମନ୍ତ୍ର ଉଚ୍ଚାରଣ କରନ୍ତି ସେତେବେଳେ ମା'ପ୍ରୁ ବୋଲି କହିଥାନ୍ତି । ଏହି ମା'ପ୍ରୁ ଶବ୍‌ଦଟି ମହାପ୍ରଭୁ ଶବ୍‌ଦର ରୂପାନ୍ତରିତ ରୂପ ଓ ଉଚ୍ଚାରଣ । ସେମାନଙ୍କର ପୂଜା ଓ ବଳିଉତ୍ସବର ପାଳନ ବିଧି ପର୍ବପର୍ବାଣି ଭେଦରେ ସ୍ୱତନ୍ତ୍ର ।

ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନ ଫଳରେ ଡିଡ଼ାୟୀ ସମାଜରେ ବହୁ ପୂର୍ବରୁ ପ୍ରଚଳିତ ଗୁଣିଗାରେଡ଼ି ଓ ଯାଦୁ ବିଦ୍ୟାର ଗୁରୁତ୍ୱ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । କୌଣସି ଅପଶକ୍ତିର କୁନଜରକୁ ଏଡାଇବା, ରୋଗ ଚିକିତ୍ସା, ବନ୍ଧ୍ୟାଦୋଷ ଦୂର କରିବା, ସାପ କାମୁଡା, ବିଷ ହରଣ କରିବା ଆଦି ନିମନ୍ତେ ସେମାନେ ଗୁଣି ଗାରେଡ଼ି, ମନ୍ତ୍ର ତନ୍ତ୍ର ଓ ଯାଦୁବିଦ୍ୟାର ସହାୟତା ନିଅନ୍ତି । ଏସବୁ ପୂଜାବିଧି ସଂପାଦନ କଲାବେଳେ କ୍ଷୀର, ଚାଉଳ, ଗୁଡ, କଦଳୀ, ନଡିଆ, ଧୂପକାଠି, ଫୁଲ ଇତ୍ୟାଦି ଦରକାର ହୁଏ । କୁକୁଡା, ଛେଳି, ଘୁଷୁରି ଆଦି ବଳି ପକାଯାଏ । ବଳିରକ୍ତକୁ ଚାଉଳ ଉପରେ ପକାଇ ଦେବତାଙ୍କୁ ଅର୍ପଣ କରାଯାଏ । ଏହା ଦ୍ୱାରା ଦେବତା ସନ୍ତୁଷ୍ଟ ହୋଇଥାନ୍ତି । ପାରଂପରିକ ଭାବରେ ସେମାନଙ୍କର ଗୁଣିବିଦ୍ୟା ଓ ଡାହାଣୀ ବିଶ୍ୱାସ ଥିଲା । ସମୟ ବଦଳି ଯାଉଛି । ଗୁଣି ଗାରେଡ଼ି ଓ ଯାଦୁବିଦ୍ୟା ଉପରେ ଆସ୍ଥା କମିଛି । ଗୁଣିଗାରେଡ଼ିକୁ ଛାଡ଼ିଦେଲେ ଡିଡାୟୀ ମାନଙ୍କର ପାରଂପରିକ ପ୍ରାଚୀନ ଫଳପ୍ରଦଚିକିତ୍ସା ପଦ୍ଧତିକୁ ଅନ୍ୟମାନେ ପ୍ରଶଂସା କରୁଛନ୍ତି ।





# ଜଗତ୍ ଦୃଷ୍ଟି ଓ ମୂଲ୍ୟବୋଧ



ସୀମିତ ଜଗତ୍ ଦୃଷ୍ଟି ସତ୍ତ୍ୱେ ଡିଡାୟୀମାନେ ସେମାନଙ୍କର ଅନ୍ତଃସ୍ଥିତି ଓ ବାହ୍ୟ ଜଗତ ସହିତ ସୁଚାରୁ ରୂପେ ଯୋଗାଯୋଗ ରଖିଛନ୍ତି । ମଣିଷ, ପ୍ରକୃତି, ପ୍ରାକୃତିକ ଶକ୍ତି, ଆଧିଭୌତିକ ଶକ୍ତି, ସୌର ଜଗତ ଓ ବହୁ ଦେବଦେବୀ ଆଦିକୁ ସେମାନେ ନିଜ ଦୃଷ୍ଟିକୋଣରୁ ପରଖିଛନ୍ତି । ମାନବ ଜାତିର ବିକାଶ ପ୍ରକ୍ରିୟା, ସୃଷ୍ଟିର ରହସ୍ୟବୋଧ, ବଂଶ, ଜାତି, ଗୋତ୍ର ଆଦିର କିମ୍ବଦନ୍ତୀ ଓ କଥନିକା ଭିତରେ ସେମାନଙ୍କର ନିଜସ୍ୱ ମୌଳିକ ଜ୍ଞାନ ଓ ଗାରିମା ସ୍ପଷ୍ଟ ଭାବରେ ପ୍ରତିଫଳିତ ହୁଏ । ନିଜ ଗୋଷ୍ଠୀର ସାମାଜିକ ଓ ଧାର୍ମିକ ମାନଦଣ୍ଡ ଅନୁଯାୟୀ ସେମାନେ ଭଲ ଓ ମନ୍ଦ ମଧ୍ୟରେ ପ୍ରଭେଦନିର୍ଣ୍ଣୟ କରିଥାନ୍ତି । କର୍ମଫଳ ଉପରେ ସେମାନେ ଗଭୀର ବିଶ୍ୱାସ କରନ୍ତି । ମନ୍ଦ କର୍ମ କଲେ ଦୈବୀଦଣ୍ଡ ଭୋଗିବାକୁ ପଡେ ବୋଲି ସେମାନଙ୍କର ଦୃଢ ଧାରଣା ରହିଛି । ମୃତ୍ୟୁ ପରେ ପୁନର୍ଜନ୍ମ ହୁଏ କି ନାହିଁ ଏ ବିଷୟରେ ସେମାନଙ୍କର ନିର୍ଦ୍ଦିଷ୍ଟ ଧାରଣା ନାହିଁ ।

ଡିଡାୟୀମାନେ ଅତ୍ୟନ୍ତ ଶାନ୍ତ, ସରଳ, ନମ୍ର ଓ ବିନୟୀ ସ୍ୱଭାବ ବିଶିଷ୍ଟ । ସେମାନେ ଅତିଥି ପରାୟଣ । କେହି ବାହାରର ଅତିଥି ସେମାନଙ୍କ ଗାଁକୁ ଆସିଲେ ସେମାନେ ଉପଯୁକ୍ତ ଯତ୍ନ ନେବାରେ ତ୍ରୁଟି କରନ୍ତି ନାହିଁ । ଗାଁର ସାମଜିକ ମୁଖ୍ୟ ଓ ଧାର୍ମିକ ମୁଖ୍ୟଙ୍କୁ ଉଚ୍ଚ ସମ୍ମାନ ଦିଅନ୍ତି । ଡିଡାୟୀର ଦୁନିଆଁ ଓ ତା'ର ଜୀବନଶୈଳୀ ସ୍ୱତନ୍ତ୍ର ଆଦର୍ଶ, ବିଶ୍ୱାସ ଓ ମୂଲ୍ୟବୋଧର ପ୍ରତିନିଧିତ୍ୱ କରେ । ଏହା ଗୋଟିଏ ଗୋଷ୍ଠୀର ସାମୂହିକ ଓ ସାଂସ୍କୃତିକ ଅଭିଜ୍ଞତା ଉପରେ ପ୍ରତିଷ୍ଠିତ ଅଟେ । ଡିଡାୟୀ ଲୋକ ସାହିତ୍ୟ ଲୋକକଳା ଓ ବିଦ୍ୟାର ସ୍ୱାତନ୍ତ୍ର୍ୟ ରହିଛି । ମଣିଷ - ମଣିଷ, ମଣିଷ - ପ୍ରକୃତି, ମଣିଷ - ପ୍ରାକୃତିକ ଉପାଦାନ ଭିତିରେ ନିହିତ ସତ୍ତା ଓ ସଂପର୍କର ସୂକ୍ଷ୍ମ ଚେତନା ଡିଡାୟୀର ନିଜସ୍ୱ ଚିନ୍ତାଧାରା । ସାଧାରଣ କୃଷି ହେଉ ଅଥବା ଡଙ୍ଗର ଚାଷ ହେଉ, ଜଣେ କୃଷକ ଭାବରେ ଡିଡାୟୀର ଯେଉଁ ପାରଂପରିକ ଜ୍ଞାନକୌଶଳ ଓ ଅଭିଜ୍ଞତା ତାହା ବାସ୍ତବିକ୍ ପ୍ରଶଂସନୀୟ । କୃଷି ପରିଚାଳନା ଓ ଉତ୍ପାଦନ ସବୁଥିରେ ତା'ର ପାରଦର୍ଶିତା ପ୍ରତିଫଳିତ । ଅଝଟ ଛୋଟ ଶିଶୁମାନଙ୍କୁ ବୁଝେଇବା ପାଇଁ ଗାନ କରାଯାଉଥିବା "ନାନାବାୟା ଗୀତ" ଭିତରେ ଡିଡାୟୀ ମାନଙ୍କ ସରଳ ଭାବମୟ ପୃଥିବୀ ନାନା ଛନ୍ଦରେ ଅନୁରଣିତ





ହୋଇଉଠେ । ଜ୍ଞାତି କୁଟୁମ୍ବଙ୍କ ଭିତରେ ଥିବା ସଂପର୍କ, ଜନ୍ମ, ବିବାହ, ମୃତ୍ୟୁ, ପର୍ବପର୍ବାଣି ଆଦି ଧାର୍ମିକ କ୍ରିୟାକର୍ମ ଭିତରେ ସେମାନଙ୍କ ଜୀବନାଦର୍ଶ ଫୁଟିଉଠେ ।

ଉପରୋକ୍ତ ଘଟଣା ସମୂହ ସେମାନଙ୍କ ସାଂସ୍କୃତିକ ଅଭିଜ୍ଞତାର ଅବିଚ୍ଛେଦ୍ୟ ଅଂଶ । ଏଥିରୁ ସେମାନଙ୍କ ଜଗତ୍ ଦୃଷ୍ଟିର ବ୍ୟାପକତା ଜଣାଯାଏ । ସେମାନେ ମହାଆଡମ୍ବରରେ ଅନେକ ପର୍ବପର୍ବାଣି ପାଳନ ସହ ବାଦ୍ୟ ଓ ଲୋଗଗୀତର ଝଂକାର ମେଲନ୍ତି । ବିବାହ ବିଧିର ପ୍ରତି ସ୍ତରରେ ସେମାନେ ବିଭିନ୍ନ ଘଟଣା ସହିତ ମେଳ ଖୁଆଇ ଉପଯୁକ୍ତ ସଙ୍ଗୀତ ପରିବେଷଣ କରନ୍ତି । ସେମାନଙ୍କର ଏହି ସଙ୍ଗୀତକଳା ଅନନ୍ୟ । ବ୍ୟକ୍ତିଗତ ଭାବରେ ତଥା ଦଳଗତ ଭାବରେ ଏହି ସଙ୍ଗୀତ ଗାନ କରାଯାଇଥାଏ । ସଙ୍ଗୀତର ଆବେଦନ ଯେତିକି ଆମୋଦଦାୟୀ ସେତିକି ହୃଦୟସ୍ପର୍ଶୀ । ପରିସ୍ଥିତକୁ ନେଇ ସଙ୍ଗୀତର ବିଷୟ ବସ୍ତୁ ନିର୍ଦ୍ଧାରିତ ହୋଇଥାଏ । ଦୁଇ ତରୁଣ ତରୁଣୀଙ୍କ ମଧ୍ୟରେ ମନ ଦିଆନିଆ ଭାବପୀରତିର ସଙ୍ଗୀତ ଭିତରେ ଥାଏ ପ୍ରେମର କୋମଳ ମଧୁର ସ୍ପର୍ଶ । ମୃତକ ଉଦ୍ଦେଶ୍ୟରେ କରାଯାଉଥିବା ଅନ୍ତ୍ୟେଷ୍ଟିକ୍ରିୟାରେ ଶୋକ ଓ ଶାନ୍ତରସର ସ୍ଫୁରଣ ଘଟିଥାଏ ।

ଡିଡାୟୀ ମାନଙ୍କ ସାମାଜିକ ଜୀବନ ସରଳ ଓ ସୁନ୍ଦର । ବୈଷୟିକ ଅର୍ଥନୀତି ଓ ସାମାଜିକ ସଙ୍ଗଠନ ଉପରେ ଥାଏ ଏକ ବାସ୍ତବବାଦୀ ସାମାଜିକ ଆଦର୍ଶବୋଧ । ସେମାନେ ଅନୁଭବୀ ଯେ ଜୀବନଟା ଆନନ୍ଦ ଓ ବିଷାଦ, ଉତ୍ଥାନ ଓ ପତନର ଏକ ରଙ୍ଗମଞ୍ଚ । ଏଥିପାଇଁ ଜୀବନ ସହିତ ସେମାନଙ୍କର ଥାଏ ଏକ ସୂକ୍ଷ୍ମ ଅଥଚ ସହଜ ବୁଝାମଣା । ଏହାର ଫଳଶ୍ରୁତି ସ୍ୱରୂପ ସେମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟାବଳୀରେ ଦ୍ୱନ୍ଦ୍ୱ ଅପେକ୍ଷା ସହଯୋଗ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ଗାଁର ସାମାଜିକ ଓ ଧାର୍ମିକ ମୁଖ୍ୟ ଅଥବା ବୟୋଜ୍ୟେଷ୍ଠ ଲୋକମାନଙ୍କୁ ସେମାନେ ଉପଯୁକ୍ତ ସମ୍ମାନ ଦିଅନ୍ତି । ସବୁପ୍ରକାର ବାଧାବିଘ୍ନକୁ ଅତିକ୍ରମ କରିବା ପାଇଁ ସେମାନେ ସର୍ବଶକ୍ତିମାନ୍ ଅଦୃଷ୍ଟ ପ୍ରକୃତି, ଅଥବା ପ୍ରାକୃତିକ ଉପାଦାନ ସମୂହ ପାଖରେ ନିଜକୁ ସମର୍ପି ଦିଅନ୍ତି । ସୁଖ, ସମୃଦ୍ଧି ଓ ଦୀର୍ଘସ୍ଥାୟୀ ଉତ୍ତମ ଜୀବନ ବିତାଇବା ଲକ୍ଷ୍ୟରେ ସେମାନେ ଦେବଦେବୀମାନଙ୍କୁ ବିଭିନ୍ନ ପର୍ବପର୍ବାଣି ପାଳନ ମାଧ୍ୟମରେ ସନ୍ତୁଷ୍ଟ କରିବାକୁ ଚାହାଁନ୍ତି ।

ଡିଡାୟୀ ସମାଜର ନିଜସ୍ୱ ମୌଳିକ ମୂଲ୍ୟବୋଧ ରହିଛି । ସେମାନଙ୍କର ଜୀବନଶୈଳୀ ଓ ସାଂସ୍କୃତିକ ଚେତନାକୁ ଅନୁଧ୍ୟାନ କଲେ ଏହା ଜଣାପଡେ । ଲିଙ୍ଗ ଓ ବୟସ ଅଥବା ଅବସ୍ଥା ଭେଦରେ ଏହି ମୂଲ୍ୟବୋଧରେ ତାରତମ୍ୟ ପରିଲକ୍ଷିତ ହୁଏ । କ୍ରମଶଃ ମୂଲ୍ୟବୋଧରେ ପରିବର୍ତ୍ତନ ଆସେ । ସେମାନଙ୍କ ସାମାଜିକ ଆଇନ, ପ୍ରଥା, ପରଂପରା, ସଂସ୍କୃତି ଓ ଗୋଷ୍ଠୀ ମର୍ଯ୍ୟାଦାକୁ ସଂରକ୍ଷଣ କରିବା ଆବଶ୍ୟକ ।





# ସାଂସ୍କୃତିକ ମହନୀୟତା


କିମ୍ବଦନ୍ତୀ, ଲୋକକଥା, ଲୋକଗୀତ, ଲୋକନୀତି, ପ୍ରବାଦ, ପ୍ରହେଳିକା ଆଦିକୁ ଆଧାର କରି ଡିଡ଼ାୟୀମାନଙ୍କର ସମୃଦ୍ଧ ମୌଖିକ ଭାଷା ସାହିତ୍ୟର ଭଣ୍ଡାର ରହିଛି । ସେମାନଙ୍କର ଭାବାବେଶ ସମବେତ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଅଭିବ୍ୟକ୍ତି ଲାଭକରେ । ଜନ୍ମ, ବିବାହ, ମୃତ୍ୟୁ ଓ ପର୍ବପର୍ବାଣି ଆଦି ପାଳନ କରାଯାଉଥିବା ବେଳେ ସେମାନେ ପରିବେଶ ଓ ପରିସ୍ଥିତିକୁ ନେଇ ବିଭିନ୍ନ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରନ୍ତି । ଏସବୁରେ ସୁଖ ଓ ଦୁଃଖର ଅଭିବ୍ୟକ୍ତି ଥାଏ । ପୁରୁଷ ଓ ମହିଳା ମାନେ ଯୁଗ୍ମ ନୃତ୍ୟ ପରିବେଷଣ କରିଥାନ୍ତି । ମହିଳାମାନେ ମଧ୍ୟ ସ୍ୱତନ୍ତ୍ର ଭାବରେ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ଗୋଷ୍ଠୀ ଏକତା ଓ ସଂହତିକୁ ବଜାୟ ରଖେ । ନୃତ୍ୟ ଓ ସଙ୍ଗୀତ ପରିବେଷଣ କାଳରେ ଅଙ୍ଗ ଚାଳନା ଶୈଳୀ, ଛଟକ, ବାଦ୍ୟର ତାଳ ସହିତ ସଙ୍ଗୀତର ମଧୁର ଓ ଲାଳିତ୍ୟପୂର୍ଣ୍ଣ ସ୍ୱର ସଂଯୋଜନା ସେମାନଙ୍କ ନୃତ୍ୟକୁ ସୁନ୍ଦର, ଜୀବନ୍ତ ଓ ଆକର୍ଷଣୀୟ କରେ । ସଙ୍ଗୀତ ଓ ନୃତ୍ୟ ସବୁଥିରେ ପ୍ରକୃତି ଓ ପ୍ରାକୃତିକ ଉପାଦାନ ସମୂହ ସହିତ ସେମାନଙ୍କ ଅନ୍ତରଙ୍ଗ ସଂପର୍କର ପରିଭାଷା ପ୍ରତିଫଳିତ ହୁଏ ।





# ଉନ୍ନୟନ

ଡିଡାୟୀମାନେ ଓଡ଼ିଶାରେ ବସବାସ କରୁଥିବା ୧୩ ପ୍ରକାର ଆଦିମ ଜନଜାତିଙ୍କ ମଧ୍ୟରୁ ଅନ୍ୟତମ । ସେମାନଙ୍କର ଜନସଂଖ୍ୟା ଆପାତତଃ ସ୍ଥିର ରହିଛି । ସାକ୍ଷରତା ହାର ବହୁତ କମ୍ । କେନ୍ଦ୍ର ସରକାର ଏହି ଗୋଷ୍ଠୀର ସର୍ବାଙ୍ଗୀନ ଉନ୍ନତି ଲକ୍ଷ୍ୟରେ ଅଣୁପ୍ରକଳ୍ପ ଜରିଆରେ ଶତ ପ୍ରତିଶତ ସହାୟତା ପ୍ରଦାନ କରୁଛନ୍ତି । ମାଲକାନଗିରି ଜିଲ୍ଲାର କୁଡୁମୁଲୁଗୁମାଠାରେ ୧୯୮୬ ମସିହା ଅଗଷ୍ଟ ମାସରେ "ଡିଡ଼ାୟୀ ଉନ୍ନୟନ ସଂସ୍ଥା" ନାମରେ ଗୋଟିଏ ଅଣୁ-ପ୍ରକଳ୍ପ (Micro - Project) ଗଢା ଯାଇଛି । କୃଷି, ଉଦ୍ୟାନ କୃଷି, ଜଳସେଚନ, ପାନୀୟ ଜଳଯୋଗାଣ, ଗମନା ଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି ବିବିଧ କ୍ଷେତ୍ରରେ ବହୁମୁଖୀ ଉନ୍ନୟନ ମୂଳକ ଯୋଜନା ସବୁ ରୂପାୟନ କରାଯାଇଛି । ଡିଡ଼ାୟୀ ଉନ୍ନୟନ ସଂସ୍ଥାର ଭୌଗୋଳିକ ପରିସୀମା ୨୫୦ ବର୍ଗ କିଲୋମିଟର । ଏହି ସଂସ୍ଥାର କାର୍ଯ୍ୟ ପରିସର ୨ ଟି ବ୍ଲକ ଅନ୍ତର୍ଭୁକ୍ତ ୪ ଟି ଗ୍ରାମପଞ୍ଚାୟତର ୩୭ଟି ଗାଁ କୁ ନେଇ ପରିଚାଳିତ । ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱରା ୨୦୦୭ ମସିହାରେ କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ ଡିଡ଼ାୟୀମାନଙ୍କ ପ୍ରକଳ୍ପ ଅଞ୍ଚଳର ଲୋକସଂଖ୍ୟା ୬୫୪୫ ଥିଲା । ତନ୍ମଧ୍ୟରୁ ୩୦୬୪ ଜଣ ପୁରୁଷ ଓ ୩୪୮୧ ଜଣ ମହିଳା । ସେମାନଙ୍କ ଲିଙ୍ଗ ଅନୁପାତ ହାର ୧୧୩୬ । ଏହି ସମୟରେ ସେମାନଙ୍କ ସମୁଦାୟ ସାକ୍ଷରତା ହାର ଥିଲା ୭.୩୬% । ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୧୨.୩୪ଶତକଡା ହୋଇଥିବା ସ୍ଥଳେ ମହିଳା ସାକ୍ଷରତା ହାର ୨.୯୯ ଶତକଡା ଥିଲା । ମହିଳା ସାକ୍ଷରତା ହାର ଅତିମାତ୍ରାରେ କମ୍ ।











ଡିଡାୟୀମାନଙ୍କର ସର୍ବାଙ୍ଗୀନ ଉନ୍ନତି କଳ୍ପେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଆଦିବାସୀ ଉପଯୋଜନା), ଏବଂ ସଂରକ୍ଷଣ ବନାମ ବିକାଶ ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଉପଲବ୍ଧ ହେଉଛି। ୨୦୦୭ -୦୮ ବର୍ଷରେ ସଂରକ୍ଷଣ ବନାମ ବିକାଶ ଯୋଜନାରେ ୩୧.୩୮ ଲକ୍ଷ ଟଙ୍କା ଓ ଆଦିବାସୀ ଉପଯୋଜନା ନିମନ୍ତେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ରେ ୩୮.୪୭ ଲକ୍ଷ ଟଙ୍କାର ଖର୍ଚ୍ଚ ଆକଳନ ହୋଇଥିଲା । ସଂରକ୍ଷଣ ବନାମ ବିକାଶ ଯୋଜନାରେ ବିଦ୍ୟାଳୟ ଓ ତା'ର ପରିପାର୍ଶ୍ୱ ଗୋଷ୍ଠୀଗୃହ ଓ ସ୍ୱୟଂ ସହାୟକ ଗୋଷ୍ଠୀଗୃହ ନିର୍ମାଣର ଲକ୍ଷ୍ୟ ରଖାଯାଇଥିଲା । ଅନ୍ୟପକ୍ଷରେ ଆଦିବାସୀ ଉପଯୋଜନା ଅନ୍ତର୍ଭୁକ୍ତ ଅର୍ଥରେ ପାନୀୟ ଜଳ ଯୋଗାଣ, ପାଇପ ଯୋଗେ କୃଷି କ୍ଷେତ୍ରକୁ ଜଳ ସେଚନର ବନ୍ଦୋବସ୍ତ, କୃଷି ଉପଯୋଗୀ ଜମିର ଉନ୍ନୟନ ଓ କଦଳୀ ଚାଷ ଆଦି କରାଯାଇଥିଲା ।



ଡିଡାୟୀ ଉନ୍ନୟନ ପରିକଳ୍ପନା ଏକ ଅଭିନବ ଓ ବାସ୍ତବ ଯୋଜନା । ସେମାନେ ସେମାନଙ୍କର ଚିରାଚରିତ ପରଂପରା ଓ ସଂସ୍କୃତିକୁ ସଂରକ୍ଷଣ କରିବା ସହିତ ଯୋଜନାବଦ୍ଧ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସୁବିଧା ନେଉଛନ୍ତି । ସେମାନଙ୍କର ବାସସ୍ଥଳୀ, ପାରିପାର୍ଶ୍ୱିକ ଭୌଗୋଳିକ ବାତାବରଣ ଆଦି ସାଧାରଣ ଚଳଣୀ ପାଇଁ ଅନୁକୂଳ ନୁହେଁ । ତଥାପି ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ମଧ୍ୟ ସେମାନେ ଜୀବନ ଯାତ୍ରା ନିର୍ବାହରେ ଅଭ୍ୟସ୍ତ । ସେମାନେ ବହୁ ମୌଳିକ ଜ୍ଞାନକୌଶଳର ଅଧିକାରୀ । ସଂପ୍ରତି ସେମାନଙ୍କୁ ବିଜ୍ଞାନସମ୍ମତ ବୈଷୟିକ କୌଶଳ ଶିଖାଇବାର ବେଳ ଆସିଛି । ଡିଡାୟୀ ସମାଜରେ ପୁରୁଷ ମାନଙ୍କର ପ୍ରାଧାନ୍ୟ ସତ୍ତ୍ୱେ ମହିଳା ମାନଙ୍କର ଉଲ୍ଲେଖନୀୟ ଭୂମିକା ରହିଛି । ମହିଳା ମାନେ ସେମାନଙ୍କ କର୍ତ୍ତବ୍ୟ ପରାୟଣତା, ସାଧୁତା ଓ କର୍ମନିଷ୍ଠାକୁ ଜୀବନର ପ୍ରତି ପଦକ୍ଷେପରେ ସଫଳତାର ସହିତ ପ୍ରତିପାଦିତ କରିପାରିଛନ୍ତି । ଘରକାମ ହେଉ ବା ବାହାର କାମ, ସବୁଥିରେ ଡିଡାୟୀ ମହିଳାମାନଙ୍କର ସାମର୍ଥ୍ୟ ରହିଛି । ସେମାନେ ପରିଶ୍ରମୀ ଓ ପାରଙ୍ଗମ । ପାରିବାରିକ ଆୟ ଓ ପ୍ରତିପୋଷଣରେ ମହିଳା





ମାନଙ୍କର ଗୁରୁତ୍ୱ ପୂର୍ଣ୍ଣ ଅବଦାନ ରହିଛି । ନିରକ୍ଷରତା ସତ୍ତ୍ୱେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ମାଧମରେ ସେମାନେ ଉପକୃତ ହେଉଛନ୍ତି । ମାନବ ସମ୍ବଳର ଆଶାନୁରୂପ ବିକାଶରେ ସହାୟକ ହେଉଛନ୍ତି । ବିକାଶ ପ୍ରକ୍ରିୟାକୁ ଆଦରି ଉନ୍ନୟନ ମୂଳକ ଯୋଜନାରେ ଉତ୍ସାହର ସହିତ ସାମିଲ ହେବା ସହିତ ଉନ୍ନୟନ ପଥରେ କ୍ରମଶଃ ଅଗ୍ରସର ହେଉଥିବାର ଦେଖାଯାଉଛି ।

ଡିଡାୟୀ ମାନେ ଅତି ସରଳ । ସେମାନେ ଅଳ୍ପରେ ସନ୍ତୁଷ୍ଟ ହୁଅନ୍ତି । ନିଜର ଜୀବିକା ନିର୍ବାହ ଉପରେ ସେମାନେ ସାଧାରଣତଃ ପ୍ରାଧାନ୍ୟ ଦିଅନ୍ତି । ଏବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଡିଡାୟୀ ମହିଳା ମାନଙ୍କର ସାମାଜିକ ଦକ୍ଷତା ବୃଦ୍ଧି ହେବା ସହିତ ସଂଚୟ କରିବାର ସ୍ୱାଭାବିକ ପ୍ରବୃତ୍ତି ବଢିବାରେ ଲାଗିଛି । ଦିନକୁ ଦିନ ସେମାନଙ୍କ ଅର୍ଥନୈତିକ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଛି । ପ୍ରାଚୀନ ଚିକିତ୍ସା ପଦ୍ଧତି ପ୍ରତି ଯଦିଓ ସେମାନଙ୍କର ବିଶ୍ୱାସ ଏବେ ବି ଅତୁଟ ରହିଛି ତଥାପି ଅପରିହାର୍ଯ୍ୟ କ୍ଷେତ୍ରରେ ସେମାନେ ଆଧୁନିକ ଡାକ୍ତରୀ ଔଷଧ ବ୍ୟବହାର କରୁଛନ୍ତି । ସେମାନେ ପୋଡୁଚାଷର ହାନିକାରକ ଦିଗ ଓ ଦୃଷ୍ଟିକୋଣ ପ୍ରତି ସଚେତନ ହୋଇ କ୍ରମାବନତ ପାହାଡ ଗଡ଼ାଣିରେ ସ୍ଥାୟୀ କୃଷି କରୁଛନ୍ତି । ଏହା ଦ୍ୱାରା ସେମାନେ ଲାଭବାନ ହେଉଛନ୍ତି । ଅନ୍ୟପକ୍ଷରେ ପୋଡୁଚାଷ ନ କରିବା ଦ୍ୱାରା ଯେଉଁ ଜଙ୍ଗଲ ସଂପଦମାନ ସଂଗ୍ରହ କରିହେବ ତାହାକୁ ବଜାରରେ ବକ୍ରି କରି ସେଥିରୁ ମଧ ବେଶ୍ ଦୁଇ ପଇସା କମେଇ ହେବ ବୋଲି ସେମାନେ ଆଶା ରଖିଛନ୍ତି । ଅଦ୍ୟାବଧି ପ୍ରାଥମିକ ଶିକ୍ଷା ସ୍ତରରେ ସମସ୍ତ ଶିଶୁଙ୍କ ନାମ ପଞ୍ଜୀକୃତ ହୋଇପାରିନାହିଁ । ବିଦ୍ୟାଳୟକୁ ପିଲାମାନଙ୍କୁ ପଠାଇ ପାଠ ପଢାଇବାର ଆଗ୍ରହ କ୍ରମଶଃ ବୃଦ୍ଧି ପାଉଛି । ଜଳ ଅମଳ ପ୍ରକଳ୍ପ, ମାଛ ଯାଆଁଳ ବନ୍ଧ, ଉଠା ଜଳସେଚନ ଆଦି ଉନ୍ନୟନ ମୂଳକ କାର୍ଯ୍ୟଧାରା ପ୍ରତି ସେମାନଙ୍କର ଆଗ୍ରହ ବଢୁଥିବାର ଲକ୍ଷ୍ୟ କରାଯାଉଛି । ମାଛଚାଷ, ଗୋ-ପାଳନ ଓ ଅର୍ଥକାରୀ ଫସଲ ଉତ୍ପାଦନରେ ସେମାନଙ୍କର ଆଗ୍ରହ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଦାରିଦ୍ର୍ୟ ଦୂରୀକରଣ ଯୋଜନା ଅନ୍ତର୍ଭୁକ୍ତ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ଦ୍ୱାରା ବହୁ ଗ୍ରାମବାସୀ ଉପକୃତ ହେଉଛନ୍ତି ।

ସେମାନଙ୍କ ଆବଶ୍ୟକତାକୁ ଅନୁଭବ କରି ଯେପରି ଯୋଜନା ହେବା କଥା ସେପରି ଯୋଜନା ଅଦ୍ୟାବଧି ହୋଇପାରିନାହିଁ । ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ପ୍ରୟୋଗରେ ଆବଶ୍ୟକ ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବର ଅଭାବ ରହିଛି । ଅନ୍ୟପକ୍ଷରେ ଉନ୍ନୟନ ନିମନ୍ତେ ପ୍ରଣୀତ ଯୋଜନା ଗୁଡିକ ଲୋକାଭିମୁଖୀ ହେବା ସହିତ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଥିବା ଅବଶ୍ୟକ । ଏପରି ହେଲେ ସେମାନଙ୍କର ପ୍ରଗତିର ମାର୍ଗ ପ୍ରଶସ୍ତ ହେବ ।






# ପୃଷ୍ଠଭୂମି

ଜନପଦଠାରୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମିତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚ୍ଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ। ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ
ସଦସ୍ୟ ସଚିବ






## ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ଫଟୋ ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି